**+3 SEM-1 (NEP)**
**ODI-AEC-1(R/B) ARTS**

**Year : DECEMBER 2025** **ପୂର୍ଣ୍ଣସଂଖ୍ୟା – ୧୦୦**

**Sub : AEC (ପରିଶୁଦ୍ଧ ଭାଷା ଓ ଲିଖନଧାରା)** **ସମୟ – ୩ ଘଣ୍ଟା**

## ('କ' ବିଭାଗ)

**ନଂ.୧. ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତର ଦିଅ ।** **(୧x୧୦=୧୦)**

କ) ଶବ୍ଦ କାହାକୁ କୁହାଯାଏ ?
ଖ) 'ଉତ୍କର୍ଷତା' ପଦର ଶୁଦ୍ଧରୂପ ଲେଖ ।
ଗ) କୁହୁଡ଼ି ପହଁରିବା – ରୂଢ଼ିଟିର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର ।
ଘ) ଓଡ଼ିଆମାନେ ସରଳ ଓ ଅତିଥିପରାୟଣ ଅଟନ୍ତି । – ଏହା କେଉଁ ପ୍ରକାରର ବାକ୍ୟ ?
ଙ) ଗୋଟିଏ ମାତ୍ର ପଦଥିବା ବାକ୍ୟଟିଏର ଦୃଷ୍ଟାନ୍ତ ଦିଅ ।
ଚ) ଶରତ ବାବୁ ସଦାବେଳେ ପ୍ରଫୁଲ୍ଲିତ । – ଭୁଲ ଥିଲେ ସଂଶୋଧନ କର ।
ଛ) ସେ ଚୋରିକରି ଦଣ୍ଡ ପାଇଲା । – ଯୌଗିକ ବାକ୍ୟରେ ପରିଣତ କର ।
ଜ) ଫିଚର ……….. ଆଧାରିତ ହୋଇଥାଏ ।
ଝ) ଅନୁଚ୍ଛେଦର ଶୀର୍ଷକ କିପରି ହେବା ଉଚିତ୍ ।
ଞ) ବିଜ୍ଞାପନକୁ ଇଂରାଜୀରେ କ'ଣ କହନ୍ତି ।

## ('ଖ' ବିଭାଗ)

**ନଂ.୨. ୫୦ଟି ଶବ୍ଦ ମଧ୍ୟରେ ପ୍ରଶ୍ନର ଉତ୍ତର ଲେଖ ।** **(୨x୯=୧୮)**

କ) ତଭବ ଶବ୍ଦ କାହାକୁ କହନ୍ତି ସଦୃଷ୍ଟାନ୍ତ ଲେଖ ।
ଖ) ସମାସଗତ ଅଶୁଦ୍ଧିର ଦୁଇଟି ଉଦାହରଣ ଦିଅ ।
ଗ) ଦୁଇଟି କ୍ରିୟାହୀନ ରୂଢ଼ିର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର ।
ଘ) ଜଟିଳ ବାକ୍ୟ କହିଲେ କ'ଣ ବୁଝ ?
ଙ) ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାର ଦୁଇଟି କୌଶଳ ଉଲ୍ଲେଖ କର ।
ଚ) ଅନୁଚ୍ଛେଦର ଶୀର୍ଷକ ନିର୍ଦ୍ଧାରଣ କଳା କିପରି ହେବା ଉଚିତ୍ ?
ଛ) ଫିଚର୍‌ର ଗଠନକୌଶଳ ଦର୍ଶାଅ ।
ଜ) ବ୍ୟକ୍ତିଗତ ପତ୍ରର ଅଙ୍ଗଗୁଡ଼ିକର ନାମ ଲେଖ ।
ଝ) ବାଣିଜ୍ୟିକ ପତ୍ରର ପ୍ରଥମ ଭାଗରେ କ'ଣ ଲେଖାଯାଏ ?

## ('ଗ' ବିଭାଗ)

**ନଂ.୩. ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ ।** **(୫x୮=୪୦)**

କ) ଶବ୍ଦ ଗଠନର ଶୁଦ୍ଧତାର ଭୂମିକା ନିର୍ଣ୍ଣୟ କର ।
ଖ) ତୁଳନାତ୍ମକ ରୂଢ଼ିର ସଂଜ୍ଞା ଲେଖ ଏବଂ ୫ଟି ଉଦାହରଣ ପ୍ରଦାନ କର ।
ଗ) ସଦୃଷ୍ଟାନ୍ତ ବାକ୍ୟର ଲକ୍ଷଣମାନ ଉଲ୍ଲେଖ କର ।
ଘ) ବାକ୍ୟ ରୂପାନ୍ତର କହିଲେ କ'ଣ ବୁଝ ? ଉଦାହରଣ ସହ ଦର୍ଶାଅ ।
ଙ) ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାର ୫ଟି କୌଶଳ ଲେଖ ।
ଚ) ଅନୁଚ୍ଛେଦର ଉପଯୁକ୍ତ ଶୀର୍ଷକ ନିର୍ଦ୍ଧାରଣ କଳା ସଂପର୍କରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କର ।

ଛ) ଫିଚରର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଜ) ସମ୍ପାଦକଙ୍କୁ ପତ୍ର କିପରି ଲେଖାଯାଏ ନମୁନା ସହ ବୁଝାଇ ଦିଅ ।

ଝ) ସାଂପ୍ରତିକ କାଳରେ ବିଜ୍ଞାପନର ଆବଶ୍ୟକତା ସଂପର୍କରେ ବିଚାର କର ।

ଞ) ବିଜ୍ଞାପନର ପ୍ରସ୍ତୁତି କୌଶଳ ସମ୍ବନ୍ଧରେ ଆଲୋକପାତ କର ।

**('ଘ' ବିଭାଗ)**

**ନଂ.୪. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦ ମଧ୍ୟରେ ଲେଖ ।** **(୮x୪=୩୨)**

**('ଙ' ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ)**

କ) ଓଡ଼ିଆ ଭାଷାରେ ଥିବା ବର୍ଣ୍ଣାଶୁଦ୍ଧିର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କର ।

ଖ) ବାକ୍ୟର ସଂଜ୍ଞା ସହ ପ୍ରକାରଭେଦ ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କର ।

ଗ) ସ୍ତମ୍ଭର ଗଠନକଳା ଓ ପ୍ରକାରଭେଦ ଦର୍ଶାଅ ।

ଘ) ବିଜ୍ଞାପନର ପରିଭାଷା ଓ ସ୍ୱରୂପ ନିର୍ଦ୍ଧାରଣ କର ।

ଙ) ଅନୁଚ୍ଛେଦଟି ଭଲ ଭାବରେ ପଢ଼ ଓ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ପ୍ରଦାନ କର ।

ଗଲାବର୍ଷ ରାଜାଜୀ ଭାରତୀୟ ବିଦ୍ୟାଭବନରେ ଭାରତୀୟ ସଂସ୍କୃତି ବିଷୟରେ ତିନୋଟି ଭାଷଣ ଦେଇଥିଲେ । ତାଙ୍କ ପ୍ରଥମ ଭାଷଣରେ ସେ ଭାରତୀୟ ସଂସ୍କୃତିକୁ 'ଆତ୍ମ ସଂଯମର ସଫଳ ଅଭ୍ୟାସ' ବୋଲି ଆଖ୍ୟା ଦେଇଥିଲେ । ତାଙ୍କ ମତରେ କାୟ, ମନ, ବାକ୍ୟ ସର୍ବତ୍ର ସଂଯମ ହିଁ ତପସ୍ୟା ଓ ସେହି ତପସ୍ୟା ହିଁ ଭାରତର ସଂସ୍କୃତି । ସତ୍ୟ, ସଂଯମ ଓ ସାଧୁତା ହିଁ ଏହି ସଂସ୍କୃତିର ଲକ୍ଷଣ । ତାଙ୍କ ଦ୍ୱିତୀୟ ଭାଷଣରେ ଆମ ପରିବାର ଓ ସମାଜକୁ ଆମ ସଂସ୍କୃତି ଦୃଷ୍ଟିରୁ ବିଶ୍ଳେଷଣ କରିଥିଲେ । ଆମ ଏକାନ୍ନବର୍ତ୍ତୀ ପରିବାରକୁ ସେ ଆମ ସଂସ୍କୃତିର ଏକ ବୈଶିଷ୍ଟ୍ୟ ବୋଲି କହିଥିଲେ । ଯେଉଁ ଜାତିର ଜାତିଆଣ ଭାବ, ଜାତିପ୍ରୀତି କିମ୍ବା ପ୍ରୀୟାପ୍ରୀତିତୋଷଣକୁ ଆଜି ନାନା ଭାବରେ ସମାଲୋଚନା କରାଯାଉଛି, ତାକୁ ସେ ଏକପ୍ରକାର ଜନମଙ୍ଗଳ ସମାଜବାଦର ଅନ୍ୟରୂପ ବୋଲି ବର୍ଣ୍ଣନା କରିଥିଲେ । ତାଙ୍କ ତୃତୀୟ ଭାଷଣରେ ଭାରତୀୟ ଜୀବନର ପ୍ରତ୍ୟେକ ବିଭାଗରେ ଆଧ୍ୟାତ୍ମିକତାର ପ୍ରାଧାନ୍ୟ ଦେଖାଇବା ପାଇଁ ସେ ଚେଷ୍ଟା କରିଥିଲେ । ଆମ ଲୋକଙ୍କର 'ସକଳ ଦେହେ ନାରାୟଣ' ଭାବନା । ନିରାମିଷ ଭୋଜନ, ସନ୍ନ୍ୟାସ, ଦାନ, ଧର୍ମ ଓ ଯଜ୍ଞ – ଏସବୁର ଏକମାତ୍ର କାରଣ ପୁନର୍ଜନ୍ମ ଓ କର୍ମଫଳର ବିଶ୍ୱାସ ବୋଲି ସେ ଆଖ୍ୟା ଦେଇଥିଲେ । ଆମ ବାହାଘର ହାତଗଣ୍ଠି ନୁହେଁ, ହୃଦୟର ଗଣ୍ଠି । ଏଥିରେ ପାଂଚଦିନିଆ ପ୍ରେମ ପରେ ଗୋଇଠାମାଡ଼ କିମ୍ବା ଛାଡ଼ପତ୍ର ନଥାଏ; ସ୍ୱାମୀର ମୃତ୍ୟୁପରେ ମଧ୍ୟ ତାହା ବୈଧବ୍ୟର ତପସ୍ୟାରେ ଉଜ୍ଜ୍ୱଳ ହୋଇଉଠେ । ଅନ୍ୟ ପତି ଅନ୍ୱେଷଣରେ ସେ ଅସ୍ତବ୍ୟସ୍ତ ହୁଏ ନାହିଁ । ଅତିଥି ଦେବତାର ସେବା, ଭିକ୍ଷୁକର ଭିକ୍ଷାଥାଳରେ ଅନ୍ନଦାନ ପ୍ରଭୃତି ଯାବତୀୟ ଉଦାରତା ମୂଳରେ ଥାଏ ସେହି କର୍ମଫଳର ବିଶ୍ୱାସ ।

କ) ଭାରତୀୟ ସଂସ୍କୃତିର ସଂଜ୍ଞା କ'ଣ ?

ଖ) ରାଜାଜୀ ତାଙ୍କ ଦ୍ୱିତୀୟ ଭାଷଣରେ କାହାକୁ ଜନମଙ୍ଗଳ ସମାଜବାଦର ଅନ୍ୟରୂପ ବୋଲି କହିଛନ୍ତି ?

ଗ) କ'ଣ ପୁନର୍ଜନ୍ମ ଓ କର୍ମଫଳର ବିଶ୍ୱାସ ବୋଲି ରାଜାଜୀଙ୍କ ଦୃଢ଼ମତ ?

ଘ) ଭାରତୀୟ ସଂସ୍କୃତିରେ ବିବାହର ସ୍ୱରୂପ କ'ଣ ?

–୦–

**+3 SEM-1 (NEP)**
**ODI-AEC-1(R/B) SC& COMM.**

**Year : DECEMBER 2025** **ପୂର୍ଣ୍ଣସଂଖ୍ୟା – ୧୦୦**

**Sub : AEC (ପରିଶୁଦ୍ଧ ଭାଷା ଓ ଲିଖନଧାରା)** **ସମୟ – ୩ ଘଣ୍ଟା**

## (‘କ’ ବିଭାଗ)

**ନଂ.୧. ଗୋଟିଏ ଶବ୍ଦ ବା ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।** **(୧x୧୦=୧୦)**

କ) ସମ୍ପୂର୍ଣ୍ଣ ଅର୍ଥବୋଧକ ବର୍ଣ୍ଣ ବା ବର୍ଣ୍ଣ ସମଷ୍ଟିକୁ କ’ଣ କହନ୍ତି ?

ଖ) ‘ନିର୍ଦ୍ଦୋଷୀ’ – ଭୁଲ ଥିଲେ ସଂଶୋଧନ କର ।

ଗ) ଅନେକ ଲୋକମାନେ ସଭାକୁ ଆସି ନଥିଲେ । – ଶୁଦ୍ଧରୂପ ଲେଖ

ଘ) ଯେଉଁମାନେ ଅନ୍ୟର ଉପକାର କରନ୍ତି, ଭଗବାନ ତାଙ୍କର ମଙ୍ଗଳ କରନ୍ତି । – ଏହା କେଉଁ ପ୍ରକାରର ବାକ୍ୟ ।

ଙ) ଗୋଟିଏ ବିସ୍ମୟସୂଚକ ବାକ୍ୟର ଉଦାହରଣ ଦିଅ ।

ଚ) ଅନୁଚ୍ଛେଦରେ .............ବାକ୍ୟ ବର୍ଜନୀୟ ।

ଛ) ଗୋଟିଏ ବୃହତ୍ ଅନୁଚ୍ଛେଦରେ ପାଖାପାଖି କେତୋଟି ଶବ୍ଦ ଥାଏ ।

ଜ) ସ୍ତମ୍ଭ ଯେ ଲେଖନ୍ତି, ତାଙ୍କୁ କ’ଣ କୁହାଯାଏ ?

ଝ) ଇ-ମେଲ ............. ପ୍ରକ୍ରିୟାର ଚିଠି ।

ଞ) ବେତାର ଫିଚର ଶୈଳୀ କିପରି ଅଟେ ?

## (‘ଖ’ ବିଭାଗ)

**ନଂ.୨. ୫୦ଟି ଶବ୍ଦ ମଧ୍ୟରେ ପ୍ରଶ୍ନର ଉତ୍ତର ଲେଖ ।** **(୨x୯=୧୮)**

କ) ଉପମା ବା ତୁଳନାତ୍ମକ ରୂଢ଼ିର ଅର୍ଥ ଦର୍ଶାଇ ଗୋଟିଏ ବାକ୍ୟ ଗଠନ କର ।

ଖ) ବଚନ ଜନିତ ଅଶୁଦ୍ଧିର ଦୁଇଟି ଉଦାହରଣ ପ୍ରଦାନ କର ।

ଗ) ରାତି ପାହିଲା । କୁଆଁତାରା ଅପସରି ଗଲା । ପୂର୍ବଦିଗରେ ସୂର୍ଯ୍ୟ ଉଦିତ ହେଲେ । – ଜଟିଳ ବାକ୍ୟରେ ପରିଣତ କର ।

ଘ) ବିବୃତିସୂଚକ ବାକ୍ୟ କାହାକୁ କହନ୍ତି ସଦୃଷ୍ଟାନ୍ତ ଲେଖ ।

ଙ) ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାପରେ କ’ଣ ଲେଖାଯାଏ ?

ଚ) ଅନୁଚ୍ଛେଦର ଶୀର୍ଷକ ନିର୍ବାଚନ କରିବାବେଳେ କାହା ଉପରେ ଧ୍ୟାନ ଦେବା ଉଚିତ୍ ?

ଛ) ଭ୍ରମଣ ବା ପର୍ଯ୍ୟଟନଭିତ୍ତିକ ଫିଚର କହିଲେ କ’ଣ ବୁଝ ?

ଜ) ଆଧୁନିକ ଯୁଗରେ ବିଜ୍ଞାପନର ଆବଶ୍ୟକତା କାହିଁକି ରହିଛି ?

ଝ) ନିମନ୍ତ୍ରଣପତ୍ରର ସ୍ୱରୂପ ଦର୍ଶାଅ ।

## (‘ଗ’ ବିଭାଗ)

**ନଂ.୩. ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ ।** **(୫x୮=୪୦)**

କ) ସହୋଦାରଣ ଶୁଦ୍ଧ ଅଶୁଦ୍ଧିର କାରଣମାନ ଉଲ୍ଲେଖ କର ।

ଖ) କ୍ରୀୟାହୀନ ରୂଢ଼ି କହିଲେ କ’ଣ ବୁଝ ? ପାଂଚୋଟି ଉଦାହରଣ ଅର୍ଥ ସହିତ ଲେଖ ।

ଗ) ବାକ୍ୟର ସଂଜ୍ଞା ସହ ଶ୍ରେଣୀ ବିଭାଗ କର ।

ଘ) ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାର କୌଶଳମାନ ଦର୍ଶାଅ ।

ଙ) ଅନୁଚ୍ଛେଦର ଶୀର୍ଷକ ନିର୍ଦ୍ଧାରଣ ପାଇଁ କେଉଁ ଦିଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ?

ଚ) ସ୍ତମ୍ଭ ରଚନାର କୌଶଳ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କର ।

ଛ) ଫିଚରର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କର ।

ଜ) ପତ୍ରଲିଖନର ସଂଜ୍ଞା ଓ ସ୍ୱରୂପ ସଂକ୍ଷିପ୍ତରେ ଉପସ୍ଥାପନ କର ।

ଝ) ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ ବୃଦ୍ଧି ସମସ୍ୟା ଜଣାଇ ସମ୍ବାଦପତ୍ରର ସଂପାଦକଙ୍କୁ ଏକ ପତ୍ର ଲେଖ ।

ଞ) ବିଜ୍ଞାପନର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କର ।

**('ଘ' ବିଭାଗ)**

**ନଂ.୪. ଯେକୌଣସି ଋରୋଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦ ମଧ୍ୟରେ ଲେଖ ।** **(୮x୪=୩୨)**

**('ଙ' ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ)**

କ) ରୂଢ଼ିର ସଂଜ୍ଞା ସହ ପ୍ରକାର ଭେଦ ସମ୍ପର୍କରେ ଆଲୋଚନା କର ।

ଖ) ବାକ୍ୟର ଲକ୍ଷଣ ଉଲ୍ଲେଖ କରି ବାକ୍ୟର ଅର୍ଥଗତ ବିଭାଗୀକରଣ ସଦୃଷ୍ଟାନ୍ତ ବର୍ଣ୍ଣନା କର ।

ଗ) ଫିଚରର ସଂଜ୍ଞା, ଗଠନ ରୀତି ଓ ପ୍ରକାରଭେଦ ଦର୍ଶାଅ ।

ଘ) ବିଜ୍ଞାପନର ପରିସର ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କର ।

ଙ) ଅନୁଚ୍ଛେଦଟି ଭଲ ଭାବରେ ପଢ଼ ଏବଂ ପ୍ରଶ୍ନଗୁଡ଼ିକରେ ଉତ୍ତର ନିଜ ଭାଷାରେ ଲେଖ ।

ନିଜ ଦୋଷ-ଦୁର୍ବଳତାକୁ ନ ପାସୋରି ପରର ଅପରାଧକୁ ଦୟାଳୁ ଭାବରେ ବିଋର କରିବା ସମୀଚୀନ କଥା । ଅପରାଧକୁ ବିଋର କଲାବେଳେ କରୁଣା ପ୍ରଦର୍ଶନ କଲେ, ସେଥିରେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ । ଏହା ସେକ୍ସପିଅର ତାଙ୍କର ଏକ ପ୍ରସିଦ୍ଧ ନାଟକରେ ସୁନ୍ଦର ଭାବେ ବ୍ୟକ୍ତ କରିଅଛନ୍ତି । ପ୍ରତିହିଂସା ଓ ଶାସ୍ତି ଅପେକ୍ଷା କ୍ଷମା ଓ କରୁଣରେ ଯେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ, ଏହା କେହି ଅସ୍ୱୀକାର କରିବେ ନାହିଁ । ଏକେତ ଭ୍ରମ-ପ୍ରମାଦ ସମସ୍ତଙ୍କ ଜୀବନରେ ଘଟେ । ତେଣୁ ଅନେକ କ୍ଷେତ୍ରରେ କ୍ଷମାଚରଣ କରିବା ଓ ଦଣ୍ଡ ଦେଲେ ମଧ୍ୟ ଅପରାଧୀ ପ୍ରତି ମାନବିକ ବ୍ୟବହାର କରିବା ଉଚିତ୍ । ପୁଣି ବିଋର କରିବା କଥା ଯେ, ଅନ୍ୟାୟ ଓ ଅପରାଧ ଅନେକ କ୍ଷେତ୍ରରେ ଅପରାଧିର ଚିତ୍ତବୃତ୍ତି ଅପେକ୍ଷା ପାରିପାର୍ଶ୍ୱିକ ଘଟଣା ଉପରେ ଅଧିକ ନିର୍ଭର କରେ । ଅନେକ ସାଧୁଲୋକ ମଧ୍ୟ ଅବସ୍ଥାଚକ୍ରରେ ପଡ଼ି ଏପରି ଅନ୍ୟାୟ କରିଅଛନ୍ତି, ଯାହା ଭିନ୍ନ ଅବସ୍ଥାରେ ଥିଲେ ସେ କେବେହେଲେ କରିନଥାନ୍ତେ । ଦୁର୍ଭିକ୍ଷ ବେଳେ କ୍ଷୁଧାଯନ୍ତ୍ରଣା ସହ୍ୟ କରିନପାରି ମାଆ ପ୍ରାଣର ଶିଶୁକୁ ସାମାନ୍ୟ ଖାଦ୍ୟଲାଗି ବିକ୍ରୟ କରିଦେବାର ଓ ଆହାର ବେଳେ ନିଜ ସନ୍ତାନଙ୍କ ସହ କଳହ କରିବାର ଦେଖାଦେଇଛି । ଜୀବନରେ ଏପରି ଆହୁରି ନାନା ପ୍ରକାର ଘଟଣାଚକ୍ର ଅଛି, ଯେଉଁଥିରେ ଅନ୍ୟାୟ ଅପରାଧ କରିବା ବିଶେଷ ବିଚିତ୍ର କଥା ନୁହେଁ । ଏକେତ ମନୁଷ୍ୟ ଭ୍ରମପ୍ରବଣ, ତାପରେ ଭ୍ରମ ପ୍ରମାଦ ପାଇଁ ଜଗତରେ ପ୍ରଲୋଭନ ଓ ଉପାଦାନର ଅଭାବ ନାହିଁ । ଏସବୁ ଦୃଷ୍ଟିରୁ ମନୁଷ୍ୟ ପ୍ରତି କଠୋର ବ୍ୟବହାର ନ କରି ଅନୁକମ୍ପା ଓ କ୍ଷମା ଯେ ସର୍ବଥା ବିଧେୟ, ତାହା କେହି ଅସ୍ୱୀକାର କରିବେ ନାହିଁ ।

କ) ମନୁଷ୍ୟର ଦେବତ୍ୱ କେତେବେଳେ ବିକଶିତ ହୁଏ ?

ଖ) ପାରିପାର୍ଶ୍ୱିକ ଘଟଣା ବେଳେବେଳେ କ'ଣ ସୃଷ୍ଟି କରିଥାଏ ?

ଗ) ଦୁର୍ଭିକ୍ଷ ସମୟରେ କେଉଁ ଅଘଟଣ ମଧ୍ୟ ଦେଖିବାକୁ ମିଳେ ?

ଘ) କାହିଁକି ମନୁଷ୍ୟ ପ୍ରତି କଠୋର ବ୍ୟବହାର କରିବା ଅନୁଚିତ୍ ?

-୦-

Dec,2025

**(ଭାଷା ବିଜ୍ଞାନ)**

ସମୟ : ୩ ଘଣ୍ଟା ପୂର୍ଣ୍ଣସଂଖ୍ୟା ୧୦୦

**'କ' ବିଭାଗ**

୧। ଠିକ୍ ଉତ୍ତରଟି ବାଛି ଲେଖ। **(10x1=10)**

କ) 'Logos' ଶବ୍ଦର ଅର୍ଥ ହେଉଛି -----------------।
i) ଶବ୍ଦଶକ୍ତି ii) ଅର୍ଥ ଶକ୍ତି iii) ସ୍ମରଣଶକ୍ତି iv)ଚିନ୍ତାଶକ୍ତି

ଖ) ------------ ମଣିଷ ପାଇଁ ଈଶ୍ୱରଙ୍କ ଏକ ବଡ଼ ଦାନ।
i) ଶବ୍ଦ ii) ଅର୍ଥ iii) ଭାଷା iv) ସଙ୍ଗୀତ

ଗ) 'Introductory Linguistics' ପୁସ୍ତକର ରଚୟିତା --------------।
i) R.A. Hall ii) C.F. Hockett iii) Plato iv) Henry Sweet

ଘ) --------------- ଗ୍ରନ୍ଥରେ ଇଙ୍ଗିତ ସିଦ୍ଧାନ୍ତକୁ ମୌଖିକ ଇଙ୍ଗିତ ସିଦ୍ଧାନ୍ତ ନାମରେ ନାମିତ କରାଯାଇଛି।
i) Origin of Language ii) Human Speech iii) Introductory Linguistics iv) The Poetics

ଙ) 'ଭାଷାର ଉତ୍ପତ୍ତି ଉତ୍ସ ହେଉଛି କ୍ରୀଡ଼ା' - ଉକ୍ତିଟି ------------ ସିଦ୍ଧାନ୍ତ ସହ ସମ୍ପର୍କୀତ।
i) ସମ୍ପର୍କ ସିଦ୍ଧାନ୍ତ ii) ଟା-ଟା ସିଦ୍ଧାନ୍ତ iii) ସଙ୍ଗୀତ ସିଦ୍ଧାନ୍ତ iv) ପ୍ରତିବିମ୍ବ ସିଦ୍ଧାନ୍ତ

ଚ) 'Philology' ଶବ୍ଦର ଓଡ଼ିଆ ପରିଭାଷା ହେଉଛି ---------------।
i) ଭାଷା ବିଜ୍ଞାନ ii) ଅର୍ଥ ବିଜ୍ଞାନ iii) ଶବ୍ଦତତ୍ତ୍ୱ iv) ଭାଷାତତ୍ତ୍ୱ

ଛ) ତେଲୁଗୁ ଭାଷା ----------- ଭାଷା ପରିବାରର ଅନ୍ତର୍ଭୁକ୍ତ।
i) ଆର୍ଯ୍ୟ ii) ଦ୍ରାବିଡ଼ iii) ଅଷ୍ଟ୍ରିକ୍। iv) କେଲଟିକ୍

ଜ) ------------- ଭାଷା ଷଷ୍ଠ ଭାରତୀୟ ଭାଷା ଭାବେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି।
i) ତେଲୁଗୁ ii) ତାମିଲ iii) ଓଡ଼ିଆ iv) ସଂସ୍କୃତ

ଝ) ସାଦ୍ରି ଭାଷା ----------- ଅଞ୍ଚଳର ଏକ କଥିତ ଭାଷା।
i) ସମ୍ବଲପୁର ii) କୋରାପୁଟ iii) ଅନୁଗୁଳ iv) ସୁନ୍ଦରଗଡ଼

ଞ) ଡ. ସୁକୁମାର ସେନଙ୍କ ମତରେ 'Dialect'ର ଓଡ଼ିଆ ପରିଭାଷା -------------।
i) ବିଭାଷା ii) ଉପଭାଷା iii) ବୋଲି iv) ଅପଭାଷା

**'ଖ' ବିଭାଗ**

୨। ସଂକ୍ଷେପରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ। **(9x2=18)**

କ) ସଙ୍କର ଭାଷା ବା ମିଶ୍ରିତ ଭାଷା କହିଲେ କ'ଣ ବୁଝ ?
ଖ) ଉପଭାଷା ସୃଷ୍ଟିର କାରଣ ଉଲ୍ଲେଖ କର।
ଗ) ଭାଷା ସମ୍ବନ୍ଧୀୟ ଓଡ଼ିଆ ଭାଷାରେ ରଚିତ ଦୁଇଗୋଟି ପୁସ୍ତକର ନାମ ଲେଖ।
ଘ) 'Yo-he-ho-Theory' କ'ଣ ?
ଙ) ଧ୍ୱନ୍ୟାନୁକରଣ ସିଦ୍ଧାନ୍ତକୁ 'Bow-wow' theory କାହିଁକି କୁହାଯାଏ ?
ଚ) ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା କେତେ ଭାଗରେ ବିଭକ୍ତ ଓ କ'ଣ କ'ଣ ?
ଛ) ଅପଭ୍ରଂଶ ଭାଷା କହିଲେ କ'ଣ ବୁଝ ?
ଜ) ମାନକ ଭାଷାର ସଂଜ୍ଞା ପ୍ରଦାନ କର।
ଝ) 'Dialect' ର ଭିନ୍ନ ଭିନ୍ନ ପରିଭାଷା ଲେଖ।

## 'ଗ' ବିଭାଗ

୩। ପ୍ରାୟ ୨୫୦ ଶବ୍ଦ ମଧ୍ୟରେ ଯେକୌଣସି ଆଠଗୋଟି ପ୍ରଶ୍ନର ଉତ୍ତର ଦିଅ। **(8x5=40)**

କ) ଭାଷାର ସପ୍ତ ଲକ୍ଷଣ କ'ଣ ଉଲ୍ଲେଖ କର।

ଖ) ଉପଭାଷା ମହତ୍ତ୍ୱ ଲାଭ କରିବାର କାରଣଗୁଡ଼ିକ ଲେଖ।

ଗ) ଭାଷାର ସର୍ବସମ୍ମତ ସିଦ୍ଧାନ୍ତ ସମ୍ପର୍କରେ ଆଲୋଚନା କର।

ଘ) ଇଂଗିତ ସିଦ୍ଧାନ୍ତ ଓ ସଂକେତ ସିଦ୍ଧାନ୍ତ ମଧ୍ୟରେ ପ୍ରଭେଦ ଦର୍ଶାଅ।

ଙ) ଧାତୁ ସିଦ୍ଧାନ୍ତ ବିଷୟରେ ଆଲୋଚନା କର।

ଚ) ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଧ୍ୱନି ଆଧାରରେ ବିଭାଗୀକରଣ ଦର୍ଶାଅ।

ଛ) ଓଡ଼ିଆ ଭାଷାର ଉତ୍ପତ୍ତି ସଂକ୍ଷେପରେ ଦର୍ଶାଅ।

ଜ) ପଶ୍ଚିମ ଓଡ଼ିଶାର କଥିତ ଭାଷା ବିଷୟରେ ଆଲୋଚନା କର।

ଝ) ଉପଭାଷା କିପରି ମାନକ ଭାଷାର ମାନ୍ୟତା ଲାଭ କରିପାରେ, ବୁଝାଅ।

ଞ) ଭାଷାର ଶ୍ରେଣୀବିଭାଗ ଉଲ୍ଲେଖ କର।

## 'ଘ' ବିଭାଗ

୪। ପ୍ରାୟ ୮୦୦ ଶବ୍ଦ ମଧ୍ୟରେ ଯେକୌଣସି ଚାରିଗୋଟି ପ୍ରଶ୍ନର ଉତ୍ତର ଦିଅ। **(4x8=32)**

କ) ଭାଷାର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର।

ଖ) ଭାଷା-ଉତ୍ପତ୍ତି ସିଦ୍ଧାନ୍ତଗୁଡ଼ିକ ଉପରେ ଆଲୋକପାତ କର।

ଗ) ଇଣ୍ଡୋ-ୟୁରୋପୀୟ ଭାଷା ପରିବାର ସମ୍ପର୍କରେ ଆଲୋଚନା କର।

ଘ) ମାନକ ଭାଷା ଓ ଉପଭାଷାର ସଂଜ୍ଞା ଓ ସ୍ୱରୂପ ସବିଶେଷ ଆଲୋଚନା କର।

ଙ) ଓଡ଼ିଆ ଭାଷାର ଶାସ୍ତ୍ରୀୟତା ବିଷୟରେ ଉଲ୍ଲେଖ କର।

*****************************

**+3 SEM-1 (NEP)**
**ODI-C-1P-2 (R/B) MAJ**

**Year : DECEMBER 2025** **ପୂର୍ଣ୍ଣସଂଖ୍ୟା – ୧୦୦**

**Sub : Core-II (ସାହିତ୍ୟର ସ୍ୱରୂପ)** **ସମୟ – ୩ ଘଣ୍ଟା**

**ନଂ.୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ ।** **(୧x୧୦=୧୦)**

କ) "ବାକ୍ୟମ୍ ରସାତ୍ମକଂ କାବ୍ୟମ୍" – ଏହା କାହାର ଉକ୍ତି ?

ଖ) ................ ହେଉଛି କାବ୍ୟର ମୂଳ ଉପାଦାନ ।

ଗ) ସନେଟ୍‌ରେ କେତୋଟି ପାଦ ରହିଥାଏ ?

ଘ) 'ଶେଷ ହୟେ ହଇଲା ନା ଶେଷ' – ଏହା କାହା ସମ୍ପର୍କରେ କୁହାଯାଇଛି ?

(କାବ୍ୟ, ମହାକାବ୍ୟ, କ୍ଷୁଦ୍ରଗଳ୍ପ, ଉପନ୍ୟାସ)

ଙ) ଉପନ୍ୟାସକୁ ଗୁରୁଜାଟୀ ଭାଷାରେ କ'ଣ କହନ୍ତି ?

ଚ) ନାଟକ ଶବ୍ଦ କେଉଁ ଧାତୁରୁ ନିଷ୍ପନ୍ନ ହୋଇଛି ?

ଛ) ମ୍ୟାରିୟେଟଙ୍କ ମତରେ ଏକାଙ୍କିକାର ସମୟ କେତେ ହେବା ଉଚିତ୍ ?

ଜ) କେଉଁ ରଚନାରେ ଲେଖକଙ୍କ ବ୍ୟକ୍ତିତ୍ୱ ପରୋକ୍ଷ ରୀତିରେ ପ୍ରକାଶ ପାଇଥାଏ ?

ଝ) କିଏ ନିଜ କାବ୍ୟର ନାମ "ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର" ବୋଲି ନାମିତ କରିଥିଲେ ?

ଞ) ଡକ୍ଟର ମାୟାଧର ମାନସିଂହଙ୍କ ଭ୍ରମଣ କାହାଣୀ ପୁସ୍ତକର ନାମ ଲେଖ ।

**ନଂ.୨. ୫୦ଟି ଶବ୍ଦ ମଧ୍ୟରେ ପ୍ରଶ୍ନର ଉତ୍ତର ଲେଖ ।** **(୨x୯=୧୮)**

କ) ଶ୍ରାବ୍ୟ କାବ୍ୟ କହିଲେ କ'ଣ ? ଏହାକୁ କେଉଁ କେଉଁ ନାମରେ ବିଭାଜିତ କରାଯାଇଛି ?

ଖ) ବିଶ୍ୱନାଥ କବିରାଜଙ୍କ ମତରେ ମହାକାବ୍ୟର ପଂଚସନ୍ଧି କ'ଣ କ'ଣ ?

ଗ) ବିଶ୍ୱର ପ୍ରଥମ ଉପନ୍ୟାସର ନାମ କ'ଣ ? ଏହାର ପ୍ରକାଶ କାଳ ସହିତ ରଚୟିତାଙ୍କ ନାମ ଲେଖ ।

ଘ) ଓଡ଼ିଆ ଗଳ୍ପ ସାହିତ୍ୟର ଜନକ କିଏ ? ତାଙ୍କର ପ୍ରଥମ ଗଳ୍ପ କେଉଁ ପତ୍ରିକାରେ ପ୍ରକାଶିତ ହୋଇଥିଲା ?

ଙ) ପାଶ୍ଚାତ୍ୟ ନାଟ୍ୟ ସମାଲୋଚକ Cicero (ସିସରୋ) ନାଟକର ସଂଜ୍ଞା ସଂପର୍କରେ କ'ଣ କହିଛନ୍ତି ?

ଚ) ଏକାଙ୍କିକାର 'କଥାବସ୍ତୁ' ଓ 'ଚରିତ୍ର ଚିତ୍ରାୟନ' କିପରି ହୋଇଥାଏ ?

ଛ) 'ପିତୃ ପ୍ରସଙ୍ଗ'ର ରଚୟିତା କିଏ ? ଏହି ଜୀବନୀଗ୍ରନ୍ଥୀରେ କେଉଁ ମହାପୁରୁଷଙ୍କ ଜୀବନଗାଥା ବର୍ଣ୍ଣିତ ?

ଜ) ଭୁବନେଶ୍ୱର ବେହେରାଙ୍କର ଦୁଇଟି ରମ୍ୟରଚନାଧର୍ମୀ ପୁସ୍ତକର ନାମ ଲେଖ ?

ଝ) ଭ୍ରମଣ କାହାଣୀ ସମ୍ପର୍କରେ ସେଣ୍ଟ ଅଗଷ୍ଟାଇନ୍ କ'ଣ କହିଛନ୍ତି ?

**ନଂ.୩. ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖ ।** **(୫x୮=୪୦)**

କ) କାବ୍ୟର ସଂଜ୍ଞା ଓ ସ୍ୱରୂପ ସଂକ୍ଷିପ୍ତରେ ବର୍ଣ୍ଣନା କର ।

ଖ) ସମ୍ବୋଧନମୂଳକ ଗୀତିକବିତାର ସଂକ୍ଷିପ୍ତ ସୂଚନା ଦିଅ ?

ଗ) ସନେଟ୍‌ର ଗଠନରୀତି ଦର୍ଶାଅ ।

ଘ) କ୍ଷୁଦ୍ରଗଳ୍ପର ସଂଜ୍ଞା ନିର୍ଦ୍ଧାରଣ କର ।

ଙ) ଉପନ୍ୟାସର ଗଠନକୌଶଳ ସମ୍ବନ୍ଧରେ ଆଲୋଚନା କର ।

ଚ) "Conflict is the life of drama" – ଉକ୍ତିଟିର ଯଥାର୍ଥ ବିଚାର କର ।

ଛ) ଏକାଙ୍କିକାର ପ୍ରକାରଭେଦ ସଂପର୍କରେ ବିଶ୍ଳେଷଣ କର ।

ଜ) ପ୍ରବନ୍ଧର ଗଠନରୀତି ସମ୍ପର୍କରେ ଉଲ୍ଲେଖ କର ।

ଝ) ଆତ୍ମଜୀବନୀର ସ୍ୱରୂପ ଓ ସଫଳତା ସମ୍ବନ୍ଧରେ ଆଲୋଚନା କର ।

ଞ) ସ୍ୱଦେଶାନୁଭୂତିମୂଳକ ଭ୍ରମଣ ସାହିତ୍ୟର ପରିଚୟ ପ୍ରଦାନ କର ।

**ନଂ.୪. ଯେକୌଣସି ଚାରୋଟି ପ୍ରଶ୍ନର ଦୀର୍ଘ ଉତ୍ତର ଲେଖ ।** **(୮x୪=୩୨)**

କ) 'ଗାଥା କବିତା'ର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର ।

ଖ) କ୍ଷୁଦ୍ରଗଳ୍ପର ଗଠନ କଳାର ବିବିଧ ରୂପ ସମ୍ବନ୍ଧରେ ଆଲୋକପାତ କର ।

ଗ) 'ନାଟକ ହେଉଛି ଏକ ମିଶ୍ରକଳା' – ଉକ୍ତିଟିର ସତ୍ୟତା ପ୍ରତିପାଦନ କର ।

ଘ) ରମ୍ୟ ରଚନାର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ବିଶଦ ବ୍ୟାଖ୍ୟା କର ।

ଙ) ଆତ୍ମଜୀବନୀ ରଚନାର ସତର୍କତା ସମ୍ପର୍କରେ ଆଲୋଚନା କର ।

–୦–

**Dec,2025**

**(ଭାଷା ବିଜ୍ଞାନ)**

ସମୟ : ୩ ଘଣ୍ଟା ପୂର୍ଣ୍ଣସଂଖ୍ୟା ୧୦୦

**'କ' ବିଭାଗ**

୧। ଠିକ୍ ଉତ୍ତରଟି ବାଛି ଲେଖ। **(10x1)**

କ) ପ୍ରଥମେ -------- ର ସୃଷ୍ଟି।

i) ସାହିତ୍ୟ ii) ବ୍ୟାକରଣ iii) ଭାଷା iv) ସିଦ୍ଧାନ୍ତ

ଖ) ଓଡ଼ିଆ ଭାଷା ଏକ ---------- ଭାଷା।

i) ନୂତନ ii) ପ୍ରାଚୀନ iii) ଅର୍ବାଚୀନ iv) ନବୀନ

ଗ) 'Standard Language' ର ଓଡ଼ିଆ ପରିଭାଷା ହେଉଛି -----------।

i) ମାନକ ଭାଷା ii) ମୂଳ ଭାଷା iii) ଉପଭାଷା iv) ରାଜଭାଷା

ଘ) ---------- ହେଉଛି ଭାଷା ଉତ୍ପତ୍ତି ସଂପର୍କୀୟ ପ୍ରାଚୀନତମ ସିଦ୍ଧାନ୍ତ।

i) ଧାତୁ ସିଦ୍ଧାନ୍ତ ii) ସଙ୍କେତ ସିଦ୍ଧାନ୍ତ iii) ଦୈବୀ ସିଦ୍ଧାନ୍ତ iv) ଇଙ୍ଗିତ ସିଦ୍ଧାନ୍ତ

ଙ) ଧାତୁ ସିଦ୍ଧାନ୍ତର ମୂଳ ପ୍ରବର୍ତ୍ତକ ହେଉଛନ୍ତି ------------।

i) ହେସ୍ ii) ଷ୍ଟେଇନଥଲ୍ iii)ମ୍ୟାକ୍ସମୁଲାର iv) ପ୍ଲାଟୋ

ଚ) ହେନେରୀ ସ୍ୱୀଟ୍ ------------ ସିଦ୍ଧାନ୍ତର ଜନକ।

i) ସହଯୋଗ ସିଦ୍ଧାନ୍ତ ii) କ୍ରିୟା ସିଦ୍ଧାନ୍ତ iii) ଯାଦୁକରୀ ସିଦ୍ଧାନ୍ତ iv) ସମନ୍ବିତ ସିଦ୍ଧାନ୍ତ

ଛ) 'Linguistics' ଶବ୍ଦର ଓଡ଼ିଆ ପରିଭାଷା ହେଉଛି ------------------।

i) ଭାଷା ବିଜ୍ଞାନ ii) ବାକ୍ୟ ବିଜ୍ଞାନ iii) ଅର୍ଥ ବିଜ୍ଞାନ iv) ଧ୍ୱନି ବିଜ୍ଞାନ

ଜ) ------------- ଭାରତର ପ୍ରଥମ ଶାସ୍ତ୍ରୀୟ ଭାଷା ମାନ୍ୟତାପ୍ରାପ୍ତ ଭାଷା।

i) ତାମିଲ ii) ତେଲୁଗୁ iii) ଓଡ଼ିଆ iv) ମାଲୟାଲମ

ଝ) ----------- ଅଞ୍ଚଳର ଭାଷା ହେଉଛି ଦେଶିଆ ଭାଷା।

i) ମୟୂରଭଞ୍ଜ ii) ପୁରୀ iii) ସମ୍ବଲପୁର iv) କୋରାପୁଟ

ଞ) 'ଓଡ଼ିଆ ଭାଷାର ଉପଭାଷା' ପୁସ୍ତକର ରଚୟିତା ------------।

i) ଦେବୀପ୍ରସନ୍ନ ପଟ୍ଟନାୟକ ii) ସତ୍ୟନାରାୟଣ ରାଜଗୁରୁ iii) ବାସୁଦେବ ସାହୁ iv) ଗୋଲୋକବିହାରୀ ଧଳ

**'ଖ' ବିଭାଗ**

୨। ସଂକ୍ଷେପରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ। **(9x2)**

କ) 'ଭାଷା ହେଉଛି ଅର୍ଜିତ ସମ୍ପତ୍ତି' - ବୁଝାଇ ଦିଅ।

ଖ) ପ୍ରାମାଣିକ ଭାଷା କହିଲେ କ'ଣ ବୁଝ ?

ଗ) ସଂକେତ ସିଦ୍ଧାନ୍ତ ବିଷୟରେ ଉଲ୍ଲେଖ କର।

ଘ) ସଂଗୀତ ସିଦ୍ଧାନ୍ତ କ'ଣ ?

ଙ) ଭାରତୀୟ ଆର୍ଯ୍ୟ ଭାଷାର କେତୋଟି ସ୍ତର ରହିଛି ଓ ସେଗୁଡ଼ିକ କ'ଣ କ'ଣ ?

ଚ) ଦ୍ରାବିଡ଼ ଭାଷା ପରିବାରର ଭାଷାଗୁଡିକର ନାମ ଲେଖ।

ଛ) ପଶ୍ଚିମ ଓଡ଼ିଶାର କଥିତ ଭାଷା ବିଷୟରେ ଉଲ୍ଲେଖ କର।

ଜ) ମାନକ ଭାଷାର ଦୁଇଟି ବୈଶିଷ୍ଟ୍ୟ ଲେଖ।

ଝ) ଓଡ଼ିଆ ଭାଷାରେ ରଚିତ ଭାଷା ସମ୍ବନ୍ଧୀୟ ଦୁଇଟି ପୁସ୍ତକର ନାମ ଲେଖ।

**'ଗ' ବିଭାଗ**

୩। ପ୍ରାୟ ୨୫୦ ଶବ୍ଦ ମଧ୍ୟରେ ଯେକୌଣସି ଆଠଗୋଟି ପ୍ରଶ୍ନର ଉତ୍ତର ଦିଅ। **(8x5)**

କ) ଭାଷାର ସଂଜ୍ଞା ଉଲ୍ଲେଖ କର।

ଖ) ଭାଷା ପୈତୃକ ସମ୍ପତ୍ତି ନୁହେଁ, କିପରି ?
ଗ) ରାଜଭାଷା କହିଲେ କ'ଣ ବୁଝ ?
ଘ) ବିବର୍ତ୍ତନଶୀଳ ସିଦ୍ଧାନ୍ତ ସମ୍ପର୍କରେ ଆଲୋଚନା କର।
ଙ) ଇଙ୍ଗିତ ସିଦ୍ଧାନ୍ତ ଉପରେ ଆଲୋକପାତ କର।
ଚ) ସଙ୍ଗୀତ ସିଦ୍ଧାନ୍ତ ଓ ପ୍ରେମ ସିଦ୍ଧାନ୍ତ ମଧ୍ୟରେ ପ୍ରଭେଦ କ'ଣ ?
ଛ) ଇଣ୍ଡୋ-ୟୁରୋପୀୟ ଭାଷା ପରିବାର ବିଷୟରେ ଆଲୋଚନା କର।
ଜ) ମଧ୍ୟଭାରତୀୟ ଆର୍ଯ୍ୟ ଭାଷା ସମ୍ବନ୍ଧରେ ଆଲୋଚନା କର।
ଝ) ଉପଭାଷା ସୃଷ୍ଟିର କାରଣଗୁଡ଼ିକ ଉଲ୍ଲେଖ କର।
ଞ) ମାନକ ଭାଷାର ବିଶେଷତ୍ୱ ପ୍ରକାଶ କର।

**'ଘ' ବିଭାଗ**

୪। ପ୍ରାୟ ୮୦୦ ଶବ୍ଦ ମଧ୍ୟରେ ଯେକୌଣସି ଚାରିଗୋଟି ପ୍ରଶ୍ନର ଉତ୍ତର ଦିଅ। **(4x8)**

କ) ଭାଷାର ସ୍ୱରୂପ ଓ ପ୍ରକାରଭେଦ ଦର୍ଶାଅ।
ଖ) ଭାଷାର ଉତ୍ପତ୍ତି ସମ୍ପର୍କୀୟ ସିଦ୍ଧାନ୍ତ ମଧ୍ୟରେ ଦୈବୀ ସିଦ୍ଧାନ୍ତ ଓ ଧାତୁ ସିଦ୍ଧାନ୍ତ ଉପରେ ଆଲୋକପାତ କର।
ଗ) ଭାଷା ଉତ୍ପତ୍ତି ସିଦ୍ଧାନ୍ତଗୁଡ଼ିକ ବିଷୟରେ ଆଲୋଚନା କର।
ଘ) ଭାରତୀୟ ଆର୍ଯ୍ୟ ଭାଷାର ବିଭିନ୍ନ ସ୍ତର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କର।
ଙ) ଓଡ଼ିଶାରେ ପ୍ରଚଳିତ ଭାଷା ଓ ଉପଭାଷା ବିଷୟରେ ଉଲ୍ଲେଖ କର।

********************

**3 Sem-1 (NEP)**

**ODI-MDC-1(R&B)**

DECEMBER,2025

**ତୁଳନାତ୍ମକ ସାହିତ୍ୟ**

**ସମୟ -୩ ଘଣ୍ଟା** **ପୂର୍ଣ୍ଣସଂଖ୍ୟା- ୧୦୦**

ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।

**କ- ବିଭାଗ**

ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ । **(୧×୧୦=୧୦)**

୧. କ. ମାଥ୍ୟୁ ଆର୍ନୋଡ୍__________ ମସିହାରେ ପ୍ରଥମେ ତୁଳନାତ୍ମକ ସାହିତ୍ୟ ବା Comparative Literature ଶବ୍ଦ ପ୍ରୟୋଗ କରିଥିଲେ ।

(୧୯୪୮ , ୧୮୪୮, ୧୭୪୮, ୧୨୪୮)

ଖ. ୧୯୦୭ ମସିହାରେ ଭାରତର ________ ପ୍ରଥମେ 'ବିଶ୍ୱ ସାହିତ୍ୟ' ବିଷୟ ଉଲ୍ଲେଖ କରିଥିଲେ ।

(ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ରବିନ୍ଦ୍ର ନାଥ ଟାଗୋର , ବଙ୍କିମ ଚନ୍ଦ୍ର, ଫକୀର ମୋହନ ସେନାପତି )

ଗ. ଓଡ଼ିଶାର ପ୍ରଥମ ତୁଳନାତ୍ମକ ସାହିତ୍ୟ ହେଉଛି ମାୟାଧର ମାନସିଂହଙ୍କ ________।

( ସେକସପିଅର ଆଣ୍ଡ କାଳିଦାସ, ରାଧାନାଥ ଆଣ୍ଡ କୋଲେରିଜ, ଭୀମଭୋଇ-ମିଲଟନ୍, ଟାଗୋର-ଟଲଷ୍ଟୟ)

ଘ. 'ଅଭିଜ୍ଞାନ ଶାକୁନ୍ତଳମ୍' ___ ଭାଷାରେ ରଚିତ ହୋଇଛି ।

( ପାଲି, ପ୍ରାକୃତ, ଓଡ଼ିଆ, ସଂସ୍କୃତ )

ଙ. 'ପ୍ରଣୟ ବଲ୍ଲରୀ'ର ଶେଷ ସର୍ଗର ନାମ ହେଉଛି ______।

( ପ୍ରଣୟାଙ୍କୁର, ପ୍ରଣୟ ପ୍ରସୂନ, ପ୍ରଣୟ ଛାୟା, ପ୍ରଣୟେ କୀଟ )

ଚ . 'ଚମ୍ପା' ________ ଉପନ୍ୟାସର ମୁଖ୍ୟ ନାରୀ ଚରିତ୍ର ।

(ମାମୁ, ଛମାଣ ଆଠଗୁଣ୍ଠ, ଗୋଦାନ, ପ୍ରେମାଶ୍ରମ)

ଛ. ଗୋବର _________କୁ ଭଲ ପାଉଥିଲା।   (ନେତ, ସୁନ୍ଦରୀ, ଝୁନିଆ, ରୂପା)

ଜ. ମିଷ୍ଟର ମେହେଟା ହେଉଛନ୍ତି________ ବିଭାଗର ଅଧ୍ୟାପକ ।

( ଇଂରାଜୀ, ଦର୍ଶନ, ସାହିତ୍ୟ, ଅର୍ଥଶାସ୍ତ୍ର)

ଝ. _______ ପତ୍ରିକାରେ ପ୍ରଥମେ 'କାଳପୁରୁଷ' ପ୍ରକାଶ ପାଇଥିଲା ।

(ଝଙ୍କାର, ପ୍ରଜ୍ଞା, ଦିଗନ୍ତ, ନବରବି )

ଞ. __________ ମସିହାରେ The Wasteland ପ୍ରକାଶିତ ହୋଇଥିଲା।

( ୧୯୨୨, ୧୯୧୨, ୧୯୩୨, ୧୯୫୨)

**ଖ- ବିଭାଗ**

ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ) **(୨×୯=୧୮)**

୨. କ. ତୁଳନାତ୍ମକ ସାହିତ୍ୟର ଗୋଟିଏ ସଂଜ୍ଞା ପ୍ରଦାନ କର ।

ଖ. ତୁଳନାତ୍ମକ ସାହିତ୍ୟକୁ କିଏ ସାହିତ୍ୟର ଏକ ଅଂଶ ବୋଲି କହିଥିଲେ ?

ଗ.  ଗଙ୍ଗାଧର ମେହେର ଓ କାଳିଦାସଙ୍କ ଦୁଇଟି ଲେଖାଏଁ ସାହିତ୍ୟକୃତି ଉଲ୍ଲେଖ କର ।

ଘ  ଦୁଷ୍ମନ୍ତ କାହିଁକି କଣ୍ୱମୁନିଙ୍କ ଆଶ୍ରମକୁ ଆଗମନ କରିଥିଲେ ?

ଙ.  'ଗୋଦାନ' ଓ ' ଛମାଣ ଆଠଗୁଣ୍ଠ'ର ଲେଖକଙ୍କ ନାମ ଲେଖ ଓ ପ୍ରତ୍ୟେକଙ୍କ ଅନ୍ୟ ଦୁଇଟି କୃତି ଉଲ୍ଲେଖ କର ।

ଚ. ଝୁନିଆ ପରିଚୟ ପ୍ରଦାନ କର ।

ଛ. ଭଗିଆ-ସାରିଆଙ୍କ କେଉଁ ବସ୍ତୁ ଉପରେ ମଙ୍ଗରାଜ ଓ ଚମ୍ପା ଲୋଭ ରଖିଥିଲେ ?

ଜ.  ଗୁରୁପ୍ରସାଦ ମହାନ୍ତିଙ୍କ କେଉଁ କବିତା ସଙ୍କଳନରେ 'କାଳପୁରୁଷ' ସ୍ଥାନିତ ହୋଇଛି  ?

ଝ.  'କାଳପୁରୁଷ' ଏବଂ 'The Wasteland' ଉଭୟ କବିତାର ଶେଷ ପଦଗୁଡ଼ିକ କେଉଁ ଭାଷାରୁ ଉଦ୍ଧୃତ ହୋଇଛି?

## ଗ- ବିଭାଗ

୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।  **(୫×୮=୪୦)**

୩.

କ. ତୁଳନାତ୍ମକ ସାହିତ୍ୟର ବିଶେଷତ୍ବ ଆକଳନ କର ।

ଖ.  ତୁଳନାତ୍ମକ ସାହିତ୍ୟକୁ କାହିଁକି 'ବିଶ୍ୱ ସାହିତ୍ୟ' କୁହାଯାଏ ?

ଗ. ଆଦର୍ଶ ରାଜା ଭାବରେ ଦୁଷ୍ମନ୍ତଙ୍କ ଚରିତ୍ର କାଳିଦାସ ଓ ଗଙ୍ଗାଧର କିଭଳି ରୂପାୟିତ କରିଛନ୍ତି ?

ଘ.  'ପ୍ରଣୟ ବଲ୍ଲରୀ'  ଓ  'ଅଭିଜ୍ଞାନମ୍ ଶାକୁନ୍ତଳମ୍'ରେ ଶକୁନ୍ତଳା କିପରି ନିର୍ଯ୍ୟାତିତା ହୋଇଛନ୍ତି  ବିଚାର କର ?

ଙ. 'ପ୍ରଣୟ ବଲ୍ଲରୀ' କାବ୍ୟରେ ଥିବା ଗୌଣ ଚରିତ୍ରମାନଙ୍କର ପରିଚୟ ପ୍ରଦାନ କର ।

ଚ. 'ଗୋଦାନ' ଉପନ୍ୟାସର ନାମକରଣର ସାର୍ଥକତା ସଂକ୍ଷେପରେ ଦର୍ଶାଅ ।

ଛ.  ଭଗିଆ ଓ ହୋରୀ ଚରିତ୍ରର ତୁଳନା କର ।

ଜ.  'ଛମାଣ ଆଠଗୁଣ୍ଠ' ଓ 'ଗୋଦାନ' ମଧ୍ୟରେ ଥିବା ଶୋଷଣର ଧାରା ସଂପର୍କରେ ଆଲୋଚନା କର ।

ଝ. କାଳପୁରୁଷ' କିପରି 'The Wasteland'ର  ଅନୁକରଣ ରଚିତ, ବିଧିର  ।

ଞ. 'କାଳପୁରୁଷ' ଏବଂ 'The Wasteland'ର ଗଠନଗତ ସାମ୍ୟ ଉପରେ ଆଲୋକପାତ କର  ।

## ଘ-ବିଭାଗ

୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।  **(୪ ×୮ =୩୨)**

୪.   କ. ତୁଳନାତ୍ମକ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର ।

ଖ. କବି ଗଙ୍ଗାଧର ମେହର 'ପ୍ରଣୟ ବଲ୍ଲରୀ' କାବ୍ୟ ଏବଂ କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକ  ମଧ୍ୟରେ ଥିବା ସାମ୍ୟ ଓ ବୈଷମ୍ୟ  ସଂପର୍କରେ ଆଲୋଚନା କର।

ଗ. କୃଷିଭିତ୍ତିକ ଉପନ୍ୟାସ ଭାବରେ ଫକୀର ମୋହନଙ୍କ 'ଛମାଣ ଆଠଗୁଣ୍ଠ' ଏବଂ ପ୍ରେମଚାନ୍ଦଙ୍କ 'ଗୋଦାନ'ର ତୁଳନାତ୍ମକ ଅଧ୍ୟୟନ କର।

ଘ. ଗୁରପ୍ରସାଦଙ୍କର 'କାଳପୁରୁଷ' ଏବଂ ଟି. ଏସ୍ ଏଲିଅଟଙ୍କ 'The Wasteland' କୁ ତୁଳନା କର ଏବଂ ସାମ୍ୟ ଓ ଓ ବୈଷମ୍ୟ ବିଚାର କରଜ ।

ଙ.   ତୁଳନାତ୍ମକ ସାହିତ୍ୟର ପ୍ରୟୋଗବାଦୀ ଦିଗ ସଂପର୍କରେ ଆଲୋଚନା କର  ।

**********************